# ଦଳ ବିହୀନ ନେତା

୧୧/୦୭/୨୦୦୯

ସଂସଦୀୟ ଗଣତନ୍ତ୍ରର ପରମ୍ପରା ଅନୁସାରେ ସହଯୋଗୀ ମନ୍ତ୍ରୀମାନଙ୍କୁ ବାଛିବା ମୁଖ୍ୟମନ୍ତ୍ରୀଙ୍କର ଏକାନ୍ତ ଇଚ୍ଛାଧୀନ ବ୍ୟାପାର । ୨୫ ଜଣିଆ ମନ୍ତ୍ରିମଣ୍ଡଳରୁ ୩ ଜଣ ମନ୍ତ୍ରୀଙ୍କର ବରଖାସ୍ତ ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କର ଏ ପ୍ରକାର ସ୍ୱାଧୀକାରର କେବଳ ଏକ ପ୍ରୟୋଗ ବୋଲି କହି ବିଚାର କଲେ ଭୁଲ ହେବ । ଯେଉଁ ପରିସ୍ଥିତିରେ, ଯେଭଳି ନାଟକୀୟ ଭାବରେ ଏବଂ ଯେଉଁ କାରଣ ଯୋଗୁଁ ସେମାନଙ୍କୁ ବରଖାସ୍ତ କରାଗଲା ବୋଲି କୁହାଯାଉଛି, ତାହା ଅଧିକ ଆଲୋଚନାର ଅପେକ୍ଷା ରଖୁଛି । ମନେ ରଖିବାକୁ ହେବ ଯେ ମୁଖ୍ୟମନ୍ତ୍ରୀ ନିଜ ଦଳର ଯେଉଁ ଦୁଇ ଜଣ ମନ୍ତ୍ରୀଙ୍କୁ ବରଖାସ୍ତ କରିଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଦଳର କାର୍ଯକାରୀ ସଭାପତି ତ, ଅନ୍ୟ ଜଣେ ମହିଳା ଶାଖାର ସଭାନେତ୍ରୀ । ଏଥିରୁ କି ସଙ୍କେତ ମିଳୁଛି ? ମୁଖ୍ୟମନ୍ତ୍ରୀ ଏକ ଦୁର୍ନୀତିମୁକ୍ତ ପ୍ରଶାସନ ଦେବା ପାଇଁ ଚେଷ୍ଟା କରୁଛନ୍ତି । ଏପରିକି ନିଜ ଦଳର ବରିଷ୍ଠ ନେତା ଓ ଏକାନ୍ତ ଅନୁଗତ ସହଯୋଗୀଙ୍କ ବିରୋଧରେ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଛେଇ ନାହାନ୍ତି । ଦୁର୍ନୀତି ବିରୋଧରେ ଯେ କୌଣସି ପଦକ୍ଷେପକୁ ଓଡ଼ିଶାବାସୀ ସର୍ବାନ୍ତକରଣରେ ସ୍ୱାଗତ କରିବେ । ତେବେ ଦୁର୍ନୀତି ବିରୋଧରେ ଅତ୍ୟନ୍ତ ସ୍ପର୍ଶକାତର ଏବଂ ଅପ୍ରିତିକର ନିଷ୍ପତ୍ତି ନେବାରେ ନବୀନବାବୁଙ୍କର ଦୁଃସାହସ ଯଦି କେବଳ ଏହି ତିନି ଜଣ ମନ୍ତ୍ରୀଙ୍କର ଅପମାନଜନକ ଅପସାରଣରେ ସୀମିତ ରହିଯାଏ, ମୁଖ୍ୟମନ୍ତ୍ରୀଙ୍କର ଦୁର୍ନୀତି ବିରୋଧୀ ଅଭିଯାନ ସଫଳ ହେବ ନାହିଁ । ବରଂ ଏହା ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ନିମନ୍ତେ ଉଦ୍ଦିଷ୍ଟ ବୋଲି ଓଲଟା ଅଭିଯୋଗ ହେବ । ନବୀନବାବୁଙ୍କର ଆହୁରି ଅନେକ ସହଯୋଗୀ ମନ୍ତ୍ରୀ ଅଛନ୍ତି, ଯେଉଁମାନଙ୍କ ବିରୋଧରେ ଅଧିକ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି । ନିର୍ଦ୍ଦିଷ୍ଟ ପ୍ରମାଣ ମଧ୍ୟ ମିଳିଛି । ସେମାନଙ୍କ ବିରୋଧରେ ଅନୁରୂପ କଠୋର କାର୍ଯ୍ୟାନୁଷ୍ଠାର ଆବଶ୍ୟକତା ଅଛି । ନଗର ଉନ୍ନୟନ, ଯୋଗାଣ, ଗଣଶିକ୍ଷା, ଖଣି ଓ ଭୂତତ୍ତ୍ୱ ବିଭାଗ ଏହି ପରିପ୍ରେକ୍ଷୀରେ କଠୋର କାର୍ଯ୍ୟାନୁଷ୍ଠାନର ଅପେକ୍ଷା ରଖୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୁର୍ନୀତି ଯେ କେବଳ ମନ୍ତ୍ରୀମାନେ କରୁଛନ୍ତି ତା' ନୁହେଁ, ବରିଷ୍ଠ ପ୍ରଶାସକମାନେ ସର୍ବଭାରତୀୟ ସେବାର ସୁରକ୍ଷା କବଚ ପିନ୍ଧି ନିର୍ବିକାର ଭାବରେ ଯେଉଁ ଦୁର୍ନୀତି କରୁଛନ୍ତି, ତାହା ରାଜନୈତିକ ବ୍ୟକ୍ତି ବିଶେଷଙ୍କର ଦୁର୍ନୀତି ଅପେକ୍ଷା ଅଧିକ କ୍ଷତିକାରକ । ନିକଟ ଅତୀତରେ ତଥ୍ୟ ପ୍ରମାଣ ସହିତ ଅନେକ ବରିଷ୍ଠ ପ୍ରଶାସକଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଆସିଛି । ଏ କ୍ଷେତ୍ରରେ ନବୀନବାବୁଙ୍କର ନୀରବତା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସଙ୍କୋଚ, ତାଙ୍କର ଦୁର୍ନୀତି ବିରୋଧୀ ଆନ୍ତରିକତାକୁ ସଙ୍କୁଚିତ କରୁଛି । ନବୀନବାବୁଙ୍କର ଗତକାଲିର ଦୁଃସାହସିକ ପଦକ୍ଷେପ ଅଧିକ ସ୍ୱାଗତଯୋଗ୍ୟ ହେବ, ଯଦି ଆଉ ଗୋଟିଏ ଦୁଇଟି ସୁଚିନ୍ତିତ ପରାମର୍ଶକୁ ସେ ଗ୍ରହଣ କରନ୍ତି । ତିନି ଜଣ ମନ୍ତ୍ରୀଙ୍କର ବରଖାସ୍ତ ପରେ ନୂଆ କିଏ କିଏ ମନ୍ତ୍ରୀ ହେବେ, ସେ ନେଇ କଳ୍ପନାକଳ୍ପନା ଏବଂ ଅଙ୍କ କଷାକଷି ଚାଲିଲାଣି ।

## ଆମ ଘରର ହାଲଚାଲ

### ସୌମ୍ୟରଂଜନ ପଟ୍ଟନାୟକ

ଗତ ସପ୍ତାହରେ କ୍ରାଉନ ହୋଟେଲରେ ଓଡ଼ିଶାର ସାମ୍ପ୍ରତିକ ଆର୍ଥିକ ସ୍ଥିତିର ଯେଉଁ ଅଙ୍କ କଷା ହୋଇଥିଲା, ତାହା ନବୀନବାବୁ ମନେ ରଖିବା ଉଚିତ । ଓଡ଼ିଶା ଋଣ ଯନ୍ତାରେ ପଡିଛି । ଏହାର ଆର୍ଥିକ ସ୍ଥିତି ଅତ୍ୟନ୍ତ ଗମ୍ଭୀର ହୋଇପଡିଛି । ଅଯଥା ଖର୍ଚ୍ଚକୁ ରୋକା ନ ଗଲେ କୌଣସି ପ୍ରକାର ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ ନାହିଁ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ବୁଲି ବୁଲି କହୁଛନ୍ତି । ସରକାରୀ କର୍ମଚାରୀମାନଙ୍କର ସଂଖ୍ୟା ମାତ୍ରାଧିକ ହୋଇଯାଇଛି ବୋଲି ଛଟେଇ ପର୍ବ ଆରମ୍ଭ ହେଲାଣି । ଆମ ମନ୍ତ୍ରିମଣ୍ଡଳର ସଂଖ୍ୟା କ'ଣ ସେହିପରି ଅଧିକ ହୋଇଯାଇ ନାହିଁ ? ସରକାରିଆ କମିଶନର ସୁପାରିଶ ଅନୁସାରେ ଗୋଟିଏ ରାଜ୍ୟର ମନ୍ତ୍ରିମଣ୍ଡଳର ଆକାର ବିଧାନସଭାର ସଭ୍ୟ ସଂଖ୍ୟାର ଦଶ ଭାଗରୁ ଭାଗେ ହେବା ଉଚିତ ବୋଲି କୁହାଯାଇଛି । ଅର୍ଥାତ୍ ଓଡ଼ିଶାର ମନ୍ତ୍ରିମଣ୍ଡଳ ୧୫ ଜଣିଆ ହେବା ଦରକାର । କିନ୍ତୁ କେଜାଣି କାହିଁକି ବିଗତ ବର୍ଷମାନଙ୍କରେ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ଏବଂ ଦଳୀୟ ଶୃଙ୍ଖଳାର ସୁବିଧା ପାଇ ମଧ୍ୟ ମୁଖ୍ୟମନ୍ତ୍ରୀମାନେ ମନ୍ତ୍ରିମଣ୍ଡଳର ଆକାର ବଢ଼େଇ ବଢ଼େଇ ଚାଲିଛନ୍ତି । ନବୀନବାବୁ ସରକାରିଆ କମିଶନର ସୁପାରିଶକୁ ଗ୍ରହଣ କରି ନିଜ ମନ୍ତ୍ରିମଣ୍ଡଳର ଆକାର ଯଦି ଆହୁରି ଛୋଟ କରନ୍ତେ, ତାହେଲେ ସେ ଗୋଟିଏ ଟେକାରେ ଦୁଇଟି ଶିକାର କରନ୍ତେ । ଅନ୍ୟ ଦୁର୍ନୀତିଯୁକ୍ତ ମନ୍ତ୍ରୀମାନଙ୍କୁ ବାଦ ଦେଇ ଏକ ନିର୍ମଳ ପ୍ରଶାସନ ଦେବାର ପ୍ରତିଶ୍ରୁତିକୁ ସାକାର କରନ୍ତେ । ନିଜ ଦଳର ସହଯୋଗୀମାନଙ୍କ କ୍ଷେତ୍ରରେ ଖର୍ଚ୍ଚକାଟ ଏବଂ ମୁଣ୍ଡକାଟ ନିୟମକୁ ଆଗେ ପ୍ରୟୋଗ କରି କର୍ମଚାରୀ ଭାଇମାନଙ୍କ କ୍ଷେତ୍ରରେ ଲାଗୁ ହେବାକୁ ଯାଉଥିବା ଅନୁରୂପ କଠୋର ଓ ଅପ୍ରିତିକର ନିଷ୍ପତ୍ତି ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିପାରନ୍ତେ । ଏସବୁ କରିବା ପାଇଁ ବର୍ତ୍ତମାନଠାରୁ ଅଧିକ ବଡ଼ ସୁଯୋଗ ଆଉ କେବେ ମିଳିବ ନାହିଁ । ତାଙ୍କର ପିତା ସ୍ୱର୍ଗତ ବିଜୁ ପଟ୍ଟନାୟକ ତିନି ଚତୁର୍ଥାଂଶ ସମର୍ଥନ ପାଇ ମଧ୍ୟ ନିଜର ଖିଆଲି ମନୋଭାବ ଯୋଗୁଁ ବ୍ୟବସ୍ଥାରେ ମୌଳିକ ସଂସ୍କାର ଆଣିବାର ସୁଯୋଗ ହାତଛଡା କରିଥିଲେ । ନବୀନବାବୁ ଆଜି ବିଜେଡି-ବିଜେପି ମେଣ୍ଟର ଅପ୍ରତିଦ୍ୱନ୍ଦ୍ୱୀ ନେତା । ଇର୍ଷଣୀୟ ଭାବରେ କେନ୍ଦ୍ରୀୟ ବିଜେପି ନେତାଙ୍କର ପୂର୍ଣ୍ଣ ସମର୍ଥନ ଓ ସଦିଚ୍ଛାର ସେ ଅଧିକାରୀ । ରାଜନୈତିକ ଅସନ୍ତୋଷଜନିତ ଅସ୍ଥିରତାର କୌଣସି ଅବକାଶ ନାହିଁ କି କଠୋର କାର୍ଯ୍ୟାନୁଷ୍ଠାନ ବିରୋଧରେ ଅସାଧୁ ମେଣ୍ଟ କରି ଏକ ବିକଳ୍ପ ସରକାର ଗଠନର ସମ୍ଭାବନା ମଧ୍ୟ ନାହିଁ । ଏଭଳି ପରିସ୍ଥିତିର ସୁଯୋଗ ନ ନେଇ ନବୀନବାବୁ ଯଦି ମୌଳିକ ସଂସ୍କାରକୁ ଆପଣେଇବାରେ ସଙ୍କୋଚ କରିବେ, ତା ହେଲେ ଓଡ଼ିଶାର ଉତ୍ତରପିଢ଼ି ତାଙ୍କୁ କେବେ କ୍ଷମା ଦେବ ନାହିଁ । ଓଲଟା ଗତକାଲିର କାର୍ଯ୍ୟାନୁଷ୍ଠାନ ପଛରେ ନିଜ ସରକାରର ଅପାରଗତାକୁ ଆଡୁଆଳରେ ରଖିବାର ମନ୍ଦ ଉଦ୍ଦେଶ୍ୟ ଅଛି ବୋଲି ସନ୍ଦେହ ଜାତ ହେବ । ତେବେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦଳୀୟ ରାଜନୀତିର ଚାପ ଏବଂ ଦୁର୍ନୀତି ସର୍ବସ୍ୱ ପରିବେଶରେ ଏକଥା କହିଦେବା ଯେତେ ସହଜ, କରିବା ସେତେ ସହଜ ନୁହେଁ । ସେ ଦୃଷ୍ଟିରୁ ନବୀନବାବୁ ତାଙ୍କର ଏ ଦୁଃସାହସିକତା ପାଇଁ ଆମ ସମସ୍ତଙ୍କର ସମର୍ଥନ ଓ ଅଭିନନ୍ଦନର ପାତ୍ର । ସେ ସାହସ କରି ଅମଡ଼ା ମାଡିବା ପାଇଁ ଚାହିଁଛନ୍ତି । ଇଂରାଜୀରେ ପ୍ରବାଦ ଅଛି, **'well begun is half done'** ମହତ ଉଦ୍ଦେଶ୍ୟ ରଖି ଯେଉଁ କାର୍ଯ୍ୟ ଆରମ୍ଭ କରାଯାଏ, ତାହା ନିଶ୍ଚିତ ଭାବରେ ସଫଳ ହୁଏ । ବାକି ଅଧା ସଫଳତା ପାଇଁ ନବୀନବାବୁଙ୍କୁ ଈଶ୍ୱର ସଦ୍‌ବୁଦ୍ଧି ଦିଅନ୍ତୁ ଏବଂ ଅଧିକ ଶକ୍ତିଶାଳୀ କରନ୍ତୁ । ତେବେ ଏଥିରେ ଅନ୍ୟ ଏକ ବିପଦ ମଧ୍ୟ ରହିଛି । ନବୀନବାବୁ ଏ ମହତ୍ କାର୍ଯ୍ୟ କେଉଁମାନଙ୍କୁ ନେଇ କରିବେ ? ଅତୀତରେ ଏହି ସ୍ତମ୍ଭରେ କହିଥିଲୁ ଯେ ନବୀନବାବୁ ଜଣେ ଦଳ ବିହୀନ ନେତ୍ୱା ।,ସେ ତାଙ୍କର କାର୍ଯ୍ୟକାରୀ ସଭାପତି ଓ ମହିଳା ସଭାନେତ୍ରୀଙ୍କୁ ଦୁର୍ନୀତିଯୁକ୍ତ ବୋଲି କହି ବରଖାସ୍ତ କଲେଣି । ନିର୍ବାଚନ କମିଶନରଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ବିଜେଡିର ଏ ପର୍ଯ୍ୟନ୍ତ କୌଣସି ସାଙ୍ଗଠନିକ ରୂପରେଖ ତିଆରି ହୋଇପାରିଲା ନାହିଁ । ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ସଙ୍ଗଠନ ପାଇଁ କୌଣସି କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ । ନିର୍ବାଚନ ଜିତିବା ପରେ ଉପରୁ ତଳସ୍ତର ପର୍ଯ୍ୟନ୍ତ ନେତାମାନେ କେ-୨ ୱାର୍କ ଅର୍ଡର ପାଇବାରେ ବ୍ୟସ୍ତ । ଯୁବ ଓ ଛାତ୍ର ସଂଗଠନ ସମ୍ପୂର୍ଣ୍ଣ ନିଷ୍କ୍ରିୟ । ଏଭଳି ସ୍ଥିତିରେ ତାଙ୍କ ଅଭିଯାନକୁ ସଫଳ କରିବ କିଏ ? ସେ ଷୋଡଶ ଲୁଇଙ୍କ ପରି 'ମୁଁ ହିଁ ଦଳ' ବୋଲି ନ କହିଲେ ବି ତାଙ୍କ କ୍ଷମତା ଚୌକିକୁ ଘେରି ରହିଥିବା ତୋଷାମଦିଆମାନେ ଏଭଳି ଧାରଣା ସୃଷ୍ଟି କରିବାକୁ ଆଦୌ ପଛାଇବେ ନାହିଁ । ଏଥିପ୍ରତି ନବୀନବାବୁ ସତର୍କ ରହିଲେ ଏବଂ ତାଙ୍କ ପିତାଙ୍କ ଭୁଲରୁ ଶିକ୍ଷା ଲାଭ କଲେ, ଓଡ଼ିଶା ପାଇଁ ଅଶେଷ କଲ୍ୟାଣ ହେବ ।